## ମଦ ଦୋକାନ ଲଟେରି ପରେ ତେଜୁଛି ବିବାଦ

# ନୂତନ ମଦ ଦୋକାନ ଲାଇସେନ୍ସ ରଦ୍ଦ ଦାବି

ଯାଜପୁର ଟାଉନ, ୧୦।୬(ସମିସ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବ୍ୟାପକ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ପୂର୍ବରୁ ଏକ ସୁଶୋଭିତ ଶୋଭାଯାତ୍ରା ଯାଜପୁର ମେଡିକାଲ ଛକରୁ ବାହାରି ଜିଲ୍ଲାରେ ନୂତନ ୫୬ଟି ଦେଶୀ-ବିଦେଶୀ ମଦ ଦୋକାନ ସହିତ ୫୮ଟି ଠିପି ଖୋଲା ମଦ ଦୋକାନା (ବାର୍) ପାଇଁ ଦିଆଯାଇଥିବା ଲାଇସେନ୍ସକୁ ବନ୍ଦ କରିବା, ମହିଳାମାନଙ୍କୁ ମଦ ଲାଇସେନ୍ସ ଦେବା ଭଳି ଶଠତା ବନ୍ଦ କରିବା ଓ ମଦ-ମାଦକ ଦ୍ରବ୍ୟର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପ୍ରଭୃତି ଦାବିରେ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ବଜାର ପରିକ୍ରମା କରିବା ପରେ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ରାଜ୍ୟ କମିଟି ସଭ୍ୟ ବିଜୟ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ,




ସୁବାସ ମଲ୍ଲିକ, କେଦାନାଥ ସାହୁ, ଜିଲ୍ଲା କମିଟି ସଭ୍ୟ ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ, ଅକ୍ଷୟ ପଣ୍ଡା, ସଙ୍ଗଠକ ବ୍ରହ୍ମାନନ୍ଦ ମଲ୍ଲିକ, ମନୋଜ ସେଠୀ, ଲବଙ୍ଗଲତା ଜେନା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଚୈତନ୍ୟ ସାହୁଙ୍କ ନେତୃତ୍ୱରେ ଏକ ୫ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦ ଓ ନିଷିଦ୍ଧ କରିବା ପାଇଁ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ସାରା ଓଡ଼ିଶା ପ୍ରତିବାଦ ଦିବସ ଉପଲକ୍ଷେ ଏକ ପ୍ରତିନିଧି ଦଳ ଜିଲ୍ଲା ସମ୍ପାଦିକା ତରଙ୍ଗିନୀ ଦାସ, ଜିଲ୍ଲା କମିଟି ସଭ୍ୟ ରାଜଶ୍ରୀ ମହାନ୍ତି ଓ ମଧୁମିତା ସାହୁ, ଆଇନଜୀବୀ ସଂଘମିତ୍ର ପଟ୍ଟନାୟକ, ଲିଲି ମାହାନ୍ତ, ମାଧବିଲତା ମଲ୍ଲିକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

## ● ଆଙ୍କୁଲାରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

# ଜିଲ୍ଲାପାଳ ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା

**ଯାଜପୁର, ୧୦।୬(ସମିସ):** ମଦ ଦୋକାନ ପାଇଁ ଲଟେରି ଉଠାଣ ସରିବା ପରେ ଏବେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଛନ୍ତି ଗ୍ରାମବାସୀ। ଯାଜପୁର ଆଙ୍କୁଲା ମୌଜାରେ ପ୍ରସ୍ତାବିତ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ବନ୍ଦ କରିବା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିକଟରେ ଆଙ୍କୁଲା ମୌଜାରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଲଟେରି ଉଠାଣ ହୋଇଛି। ଏହି ପ୍ରସ୍ତାବିତ ମଦ ଦୋକାନ ଆଖ ପାଖ ଅଞ୍ଚଳରେ ସ୍କୁଲ, କଲେଜ, ମେଡିକାଲ କଲେଜ, ମନ୍ଦିର ଇତ୍ୟାଦି ରହିଛି। ମଦ ଦୋକାନ ଏଠାରେ ଖୋଲାଗଲେ ସ୍ଥାନୀୟ ଅଞ୍ଚଳରେ ଏହାର କୁପ୍ରଭାବ ପଡ଼ିବ ବୋଲି ଅଭିଯୋଗ ହୋଇଛି। ତେଣୁ ଏହି ମଦ ଦୋକାନକୁ ବନ୍ଦ କରିବା ଦାବିରେ ଆଙ୍କୁଲା, ବିନ୍ଧାଣ ଏବଂ ମୋକେଇପୁର୍ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳ ଅଫିସରେ ପହଞ୍ଚି ପ୍ରତିବାଦ କରିଥିଲେ। ତୁରନ୍ତ ଏହି ମଦ ଦୋକାନ ବନ୍ଦ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



## କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ସହାୟତା

**ବ୍ୟାସନଗର, ୧୦।୬(ସମିସ):** ଗତ କିଛି ଦିନ ଧରି ଯାଜପୁର ଜିଲ୍ଲାରେ କାଳବୈଶାଖୀ ତାର ତାଣ୍ଡବ ଦେଖାଇଛି। ଫଳରେ ଅନେକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାର ପ୍ରଭାବରେ ଯାଜପୁର ଜିଲ୍ଲା ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଠାରେ ରହୁଥିବା ଗରିବ ଲୋକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ପାରିନଥିବା ବେଳେ ସ୍ଥାନୀୟ ଅଞ୍ଚଳର ମମତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଯୁବ ସାଥୀମାନଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ନିକଟରେ ପହଞ୍ଚି ସମସ୍ୟା ପଚାରି ବୁଝିବା ସହିତ ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ଜରି ପାଲ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି କାଳବୈଶାଖୀ ପ୍ରଭାବରେ ମାଳଆନନ୍ଦପୁର ଗ୍ରାମର ସୋଲିଆ ଦଳାଇ, ଲତା ଦଳାଇ, ଶରତ ଦଳାଇ, ବାଙ୍କୀ ଦଳାଇ, ଶଙ୍କରା ଦଳାଇ, ସୁନ୍ଦରୀ ଦଳାଇ, ବୁଲି ଦଳାଇ, ଦାଦିରୀ ଦଳାଇଙ୍କ ଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଅବସରରେ ମମତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ଇଂ. ସୌମ୍ୟରଞ୍ଜନ ଧଳ ଉପସ୍ଥିତ ରହି କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ତ ବିପଦ ସମୟରେ ସେ ଏବଂ ତାଙ୍କ ଟ୍ରଷ୍ଟ ପୀଡ଼ିତଙ୍କ ନିକଟରେ ଉପସ୍ଥିତ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଜାଡୁଆ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ସମ୍ମିଳନୀ

**କୟାଁଗୋଲା, ୧୦।୬(ସମିସ):** ଦଶରଥପୁର ବ୍ଲକ ଅଧୀନ ନିଜାମପୁର ପଞ୍ଚାୟତ ଜାଡୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୩ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଉତ୍ସବ ମା' ଜାଡୁଆ ପୀଠ ନିକଟରେ ଅନୁଷ୍ଠିତ ହୋଇଯାଇଛି। ୩୩ ବର୍ଷ ପରେ ପୁରୁଣା ବନ୍ଧୁମାନେ ପୁଣି ଏକାଠି ହୋଇ ସ୍କୁଲ ଦିନର ମଧୁର ସ୍ମୃତିକୁ ମନେ ପକାଇଥିଲେ। ପ୍ରାକ୍ତନ ଶିକ୍ଷକ ବୃଷଭାନୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ଶିକ୍ଷକ ଧ୍ରୁବଚରଣ ସାହୁ, ଗୁରୁଚରଣ ରାୟ, ଶରତ ଚନ୍ଦ୍ର ଦ୍ୱିବେଦୀ, ସିଦ୍ଧନାଥ ଜେନା ଏବଂ ପ୍ରାକ୍ତନ ଶିକ୍ଷା କର୍ମୀ ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପୁରାତନ ଛାତ୍ରଛାତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ପ୍ରଶାନ୍ତ ନାୟକ ସଭା ପରିଚାଳନା କରିଥିଲେ। ମନୋଜ ବେହୁରିଆ, ଅଜୟ ସାହୁ, ସୁଶାନ୍ତ ନାୟକ, ନିରଞ୍ଜନ ବିଶ୍ୱାଳ, ନିମାଇଁ ସାହୁ, ସସ୍ମିତା ଓଝା, ସୁରେଖା ବିଶ୍ୱାଳ, ଲିନାରାଣୀ ଦାସ, ସନ୍ଧ୍ୟାରାଣୀ ସାମଲ ସହ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦ୍‌ଘାତରେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକ

**କୋରେଇ, ୧୦।୬(ସମିସ):** କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ରଗଡ଼ି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଆଚାର୍ଯ୍ୟ (୮୬)ଙ୍କର ବୁଧବାର ସନ୍ଧ୍ୟା ୭ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ବସିଥିବା ବେଳେ ହଠାତ ଗଡ଼ି ପଡ଼ିଥିଲେ। ଯାହା ଫଳରେ ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ସ୍କୁଲରେ ଜଣେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ଶିକ୍ଷକ ମନୋଜ କୁମାର ଚକ୍ର, ଚିତ୍ତରଞ୍ଜନ ନନ୍ଦ, ଲକ୍ଷ୍ମୀଧର ସେନାପତି ଓ ପ୍ରଫୁଲ୍ଲ କୁମାର ରାଉତ, କଳାକାର ବାରିକ ପ୍ରମୁଖ ଶେଷ ଦର୍ଶନ କରି ପରିବାରକୁ ସମବେଦନା ଜଣାଇଛନ୍ତି। ଶେଷ ଶଯ୍ୟା ନିକଟରେ ପରିବାର ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶିକ୍ଷକ ରଘୁନାଥ ଆଚାର୍ଯ୍ୟ ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ହତ୍ୟା, ଲୁଟ୍ ଅଭିଯୋଗରେ ୬ ଗିରଫ

**ବ୍ୟାସନଗର, ୧୦।୬(ସମିସ):** ଗତ ମଙ୍ଗଳବାର ସନ୍ଧ୍ୟାରେ ମାନଗୋବିନ୍ଦପୁର ଗ୍ରାମର ମନୋଜ ନାୟକ ଏବଂ ମାନସ ଦଳାଇ ଲୁଟ୍‌ର ଶିକାର ହୋଇଛନ୍ତି। ସେମାନେ ସାତବାଇଁଶିଆରୁ ଘରକୁ ଫେରୁଥିବା ବେଳେ ଦାନଗଦି ହାଟ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଧମକଚମକ ଦେବା ସହ ମାରଣାସ୍ତ୍ର ଦେଖାଇ ସୁନାଚେନ, ଏକ ଭିଭୋ ଫୋନ ସମେତ ୪୨୦୦ ଟଙ୍କା ଏବଂ ମାନସ ନିକଟରୁ ଓପୋ ଫୋନ ସହିତ ୨୪ ଶହ ଟଙ୍କା ଲୁଟି ନେଇ ଧୂଳିଗଡ଼ ଜଙ୍ଗଲ ଆଡ଼କୁ ପଳାଇଥିଲେ। ମନୋଜ ଲୁଟ ସମ୍ପର୍କରେ ଦାନଗଦି ଫାଣ୍ଡିରେ ଅଭିଯୋଗ କରିବା ପରେ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ଉ କରିଥିଲେ। ପୁଲିସ ସମ୍ପୃକ୍ତ ଲୁଟେରା ଗ୍ୟାଙ୍ଗର ୬ ଅଭିଯୁକ୍ତକୁ ଗିରଫ କରିବା ସହ ଲୁଟ ସାମଗ୍ରୀ ଉଦ୍ଧାର କରିଛି। ଏହି ମାମଲାରେ ଗିରଫ ଅଭିଯୁକ୍ତ ମାନେ ହେଲେ ଦାନଗଦି ଗ୍ରାମର ସାଗର ପାତ୍ର (୨୧), ସୋନୁ ସେଠୀ (୨୭), ସଞ୍ଜୟ ପାତ୍ର (୨୩), ମନୋଜ ପାତ୍ର (୨୨), ପଞ୍ଚୁ ପାତ୍ର (୩୦), ଏସ୍‌କେ କାଲୁ (୪୮)। ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋବାଇଲ ଫୋନ, ୬ ହଜାର ୬ ଶହ ଟଙ୍କା ବ୍ୟବହୃତ ମାରଣାସ୍ତ୍ର ଜବତ କରିବା ସହିତ ଯାଜପୁର ରୋଡ୍ ଆଦର୍ଶ ଥାନା କେସ ନମ୍ବର ୩୬୪/୨୬ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



## କାଚରାସାହିରେ ବିଜେଡିର ସାଂଗଠନିକ ବୈଠକ



**ରଗଡ଼ି, ୧୦।୬(ସମିସ):** କୋରେଇ ବ୍ଲକ କାଚରାସାହି ପଞ୍ଚାୟତ ବିଜେଡିର ଏକ ସାଂଗଠନିକ ବୈଠକ ବୁଧବାର ସହଗାଁ ନିକଟ ଆକାଶିଆ ଜଙ୍ଗଲରେ ପଞ୍ଚାୟତ ବିଜେଡି ସଭାପତି ସଞ୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନ ସଚିବ ତଥା ବିଜେଡି ନେତା ଭବ ପ୍ରସାଦ ଦାସ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି ଯୋଗଦେଇ ବିଜେଡି ଦଳ ଲୋକଙ୍କ ବଳ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ କର୍ମୀ ଏବେ ଠାରୁ ନିଜକୁ ପ୍ରସ୍ତୁତ କରିବା ସହ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ବରାଳ ଓ ସନ୍ତୋଷ ତରାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଲୋକ ସାହୁ, ପୁରୁଷୋତ୍ତମ ପାତ୍ର, ଶ୍ରୀଧର ଖଟୁଆ, ଗିରିଧାରୀ ଖୁଣ୍ଟିଆ, ବିନୟ ନାୟକ, ପ୍ରଦୀପ ଜେନା, ଇନ୍ଦ୍ରମଣି ବେହେରା, ରଥ ବେହେରା, ପୁରୁଷୋତ୍ତମ ସେଠୀ, ତ୍ରିନାଥ ମହାନ୍ତି, ଦେବକାନ୍ତ ବାରିକ, ସୁବାସ ଚନ୍ଦ୍ର ମିଶ୍ର, ବିଜୟ ମଲ୍ଲିକ, ନିହାର ମଲ୍ଲିକ, ବସନ୍ତ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଓ ଶଶୀ ଭଞ୍ଜଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ପୁସ୍ତକ ମେଳା କମିଟି ପକ୍ଷରୁ ମେଧା ପ୍ରତିଭା ସମ୍ମାନ

**ବିଞ୍ଝାରପୁର, ୧୦।୬(ସମିସ):** ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ଏକ ଭବ୍ୟ ମେଧା ଓ ଛାତ୍ର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରାକ୍ତନ ଓଡ଼ିଶା ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ପ୍ରାକ୍ତନ ଯାଜପୁର ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକ, ପ୍ରାକ୍ତନ କୁଳପତି କୁମରବର ଦାସ, ବିଞ୍ଝାରପୁର ବିଇଓ ଶାନ୍ତନୁ କୁମାର ମଲ୍ଲିକ, ସନ୍ତୋଷ କୁମାର ନନ୍ଦ, ସୁଶାନ୍ତ କୁମାର ନାୟକ, ପ୍ରାଧ୍ୟାପକ ଅଜୟ କୁମାର ଓଝା ଓ ରବି ନାରାୟଣ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଅଧ୍ୟବସାୟ, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧକୁ ଆଧାର କରି ଜୀବନରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ସଫଳତା ସହ ସମାଜ ପ୍ରତି ଦାୟିତ୍ୱବୋଧ ରଖିବାକୁ ମଧ୍ୟ ସେମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ଓଏଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସ୍ୱାଗତିକା ଧଳ, ଅନ୍ୱେଷା ରାଉତ ଓ ବିଶ୍ୱଜିତ୍ ପଣ୍ଡାଙ୍କୁ 'ଖରସ୍ରୋତା ମେଧା ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଯୁକ୍ତ ଦୁଇ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ 'ଖରସ୍ରୋତା ଛାତ୍ର ପ୍ରତିଭା ସମ୍ମାନ' ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଖରସ୍ରୋତା ପୁସ୍ତକ ମେଳା କମିଟିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## 'ବିକଶିତ ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳ ସମସ୍ୟା' ଆଲୋଚନାଚକ୍ର

**ପ୍ରୀତିପୁର, ୧୦।୬(ସମିସ):** ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ ଅଣଓଡ଼ିଆ ପ୍ରଶାସନ ମଧ୍ୟରେ ଓଡ଼ିଶାକୁ, ଏହାର ସଂସ୍କୃତି, ପୋଥି ପୁରାଣକୁ ଭୁଲିନାହାନ୍ତି। ମଧୁସୂଦନ ଦାସ ବିଚାର ମଞ୍ଚ ଆନୁକୂଲ୍ୟରେ ଫତେପୁର ପଞ୍ଚାୟତ ସ୍ଥିତ ମଲିଆ ଯଜ୍ଞ ମଣ୍ଡପ ନିକଟରେ ଅନୁଷ୍ଠିତ ବିକଶିତ ଓଡ଼ିଶା-୨୦୩୬ ଓ ବିଚ୍ଛିନାଞ୍ଚଳ ସମସ୍ୟା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସମ୍ମିଳନୀର ବିଞ୍ଝାରପୁର ବ୍ଲକ ଆବାହକ ଗୋପାଳ ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉତ୍କଳ ସମ୍ମିଳନୀର ସଭାପତି ପ୍ରଫେସର. ଡ. ଅଦ୍ୱୈତ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଂଯୋଜକ ଭାବରେ ରତନଲାଲ ଭୂୟାଁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କିଶୋର ନଗର ବ୍ଲକର ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସମାଜସେବୀ ଟିକିଲତା ବେହେରା, ଟିଣା ପଞ୍ଚାୟତର ସରପଞ୍ଚ ବିଟାଲକ୍ଷ୍ମୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବରେ ପ୍ରଫେସର ଗଜେନ୍ଦ୍ର କୁମାର ଧଳ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଆଇନଜୀବୀ ବିଭୂତି ରଞ୍ଜନ ଦାସ, ଆଇନଜୀବୀ ଦେବନାରାୟଣ ମହାନ୍ତି, ଭୁବନାନନ୍ଦ ସୀମଲ, ଗୋପୀନାଥ ଜେନା, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଗୋପାଳ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାସେବୀ ଫୋରମର ପ୍ରଶିକ୍ଷଣ ଶିବିର



**ପାଣିକୋଇଲି, ୧୦।୬(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଫୋରମର ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଲୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଦିବସୀୟ ସାମାଜିକ କର୍ମୀ ତଥା ଜିଲ୍ଲା ସ୍ୱେଚ୍ଛାସେବୀ ଫୋରମର ଆବାହକ ଦେବବ୍ରତ ରାଉତ ସଂଯୋଜନା କରିଥିଲେ। ଉଦଘାଟକ ଭାବେ ସ୍ୱାଧୀନତା ପରିବାରର ଦାୟାଦ ତଥା ବିଶିଷ୍ଟ ଗାନ୍ଧିବାଦୀ ରାମଚନ୍ଦ୍ର ଶୁକ୍ଳ ଯୋଗଦେଇଥିଲେ। 'ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ଅଧିକାର' ସମ୍ପର୍କରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନୀୟ ଅତିଥି ଭାବେ କ୍ରୀଡ଼ାବିତ ଅମୀୟ କୁମାର ପରିଡ଼ା, ଶ୍ରମିକ ନେତା ପ୍ରତାପ ଜେନା, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଶେଖ୍ ସଫିକ, ସମ୍ମାନୀୟ ବକ୍ତା ଭାବେ ଯୁବ ସଂଗଠକ ଜନ୍ମେଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ନିର୍ମଳ ଚନ୍ଦ୍ର ଜେନା, ସ୍ୱାଗତ ଭାଷଣ ଦେଇଥିଲେ ପ୍ରଶାନ୍ତ କୁମାର ପୃଷ୍ଟି, ସୂଚନା ପ୍ରଦାନ କରିଥିଲେ ସୀମନ୍ତ ପାତ୍ର ଓ ଧନ୍ୟବାଦ ଦେଇଥିଲେ ସବ୍ୟସାଚି ସାହୁ। ଏହି ଅବସରରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ଯୁବ ସମାଜସେବୀ ଜନ୍ମେଜୟ ସାହୁ, ସମାଜସେବୀ ମୋହନ ମହାରଣା, ଶଙ୍କର ପ୍ରତାପ ଦାସ, ରବୀନ୍ଦ୍ର ଧୀର, କୈଳାଶ ମଲ୍ଲିକ, ସାହିତ୍ୟିକ ଭୁବନ ମୋହନ ମହାନ୍ତି, ଶିବ ନାରାୟଣ ଦେବତା, ସୀମନ୍ତ ପାତ୍ର, ନିଷ୍କାନ୍ତ ଖଟୁଆ, ଶ୍ରୀଧର ତ୍ରିପାଠୀ, ଶେଷ ପରିଚୟ ବୃଦ୍ଧା ଆଶ୍ରମର ପ୍ରତିଷ୍ଠାତ ସୁଧାଂଶୁ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଚାଷୀ ସଂଗଠକ କିଶୋର ଜେନା, ଶିକ୍ଷାବିତ ନବଘନ ସ୍ୱାଇଁ, ଶଶିକାନ୍ତ ମଲ୍ଲିକ, ରାଜେଶ କୁମାର ରାଉତ, ବିଶ୍ୱାସ ପରିବାର ର ସୁନୀଲ କୁମାର ଓଝା, ତାରିଣୀ ପଟ୍ଟନାୟକ, କାଳନ୍ଦୀ କଣ୍ଡ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ଆଲୋଚନାକୁ ସଫଳ କରିଥିଲେ।

## ୫୦ ହଜାର ଟଙ୍କାର ଛଣ ଗଦା ଜଳିଗଲା

**ରଗଡ଼ି, ୧୦।୬(ସମିସ):** କୋରାଇ ଥାନା ପଛିକୋଟ ପଞ୍ଚାୟତ କଡ଼ମା ଗାଁ ନିକଟରେ ଡାଇରୀ ଫାର୍ମ ପାଇଁ ରଖାଯାଇଥିବା ପ୍ରାୟ ୫୦ହଜାର ଟଙ୍କାର ଛଣ ଗଦାରେ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତି ୧୦ଟାରେ ଅଗ୍ନିକାଣ୍ଡ ଘଟିଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ଯାଜପୁର ରୋଡରୁ ଦୁଇଟି ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ ହେଁ ସମସ୍ତ ଛଣ ପୋଡ଼ି ପାଉଁଶ ହୋଇଯାଇଛି। କୋରାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ବୁଧବାର ଏ ନେଇ ଡାଇରୀ ଫାର୍ମର ମାଲିକଙ୍କ ପକ୍ଷରୁ ତଳଗଡ଼ ପଞ୍ଚାୟତ ନଗୁଆଁ ଗ୍ରାମର କୀର୍ତ୍ତନ ଧିର କୋରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡ ଜନିତ କ୍ଷତି ପୂରଣ ଦେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

## ଧର୍ମଶାଳା ଡିଫା କପ୍ ଫୁଟବଲ ଟୁର୍ଣ୍ଣମେଣ୍ଟ

# ୟଙ୍ଗ ଉତ୍କଳ କ୍ଲବ୍ କଟକ ଫାଇନାଲରେ

ଧର୍ମଶାଳା, ୧୦।୬(ସମିସ)

ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପରିଆରେ ଚାଲିଥିବା ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମିଫାନାଲରେ ମ୍ୟାଚରେ ୟଙ୍ଗ ଉତ୍କଳ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜି ୟଙ୍ଗ ଉତ୍କଳ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ୟଙ୍ଗ ଉତ୍କଳ କ୍ଲବ କଟକ ୩-୧ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇ ପାରିନଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ କଟକ ଟିମର ଚିଣ୍ଟୁ ସାମଲ ଗୋଟିଏ ଗୋଲ୍ ଦେଇଥିବା ବେଳେ ଢେଙ୍କାନାଳ ଟିମ୍ ତରଫରୁ ରାମଚନ୍ଦ୍ର ସ୍ୱାଇଁ ସଙ୍ଗେ ସଙ୍ଗେ ଗୋଟିଏ ଗୋଲ କରି ଖେଳକୁ ସମାନ ସ୍ତରକୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ କଟକର ଚିଣ୍ଟୁ ସାମଲ ସୁଯୋଗ ପାଇ ଆଉ ଏକ ଗୋଲ କରିବାରେ ସଫଳ ହୋଇଥିବା ବେଳେ ଏହି ଟିମର ବାପୁନି ବିନ୍ଧାଣି ଗୋଟିଏ ଗୋଲ କରି ୩-୧ ଗୋଲରେ ଦଳକୁ ବିଜୟୀ କରାଇଥିଲେ। ଆଜିର ମ୍ୟାଚରେ ଭଲ ଖେଳ ପ୍ରଦର୍ଶନ କରିଥିବା ଚିଣ୍ଟୁ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିବା ବେଳେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି ଅତିଥି ଭାବେ ଯେଗଦେଇ ଚିଣ୍ଟୁଙ୍କୁ ମ୍ୟାନ ଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ସେକ ସଲିମ୍ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ଓଝା ଓ ଶୈଳେଶ ପାଣି ଲାଇନ୍‌ମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଆଶିଷ ସାହୁ ଉପସ୍ଥିତ ରହିଥିଲେ। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ପ୍ରତାପ କ୍ଲବ କଟକ ଓ ୟନାଇଟେଡ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ଡିଫାର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।



## ୨ ବାଇକ୍ ଲୁଟେରା ଗିରଫ; ୪ ବାଇକ୍ ଜବତ

**ଧର୍ମଶାଳା, ୧୦।୬(ସମିସ):** ଧର୍ମଶାଳା ଥାନା ପୁଲିସ ପକ୍ଷରୁ ୨ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଦ୍ୱାରା ଚୋରି ହୋଇଥିବା ୩ଟି ବାଇକ୍ ସମେତ ସେମାନେ ବ୍ୟବହାର କରୁଥିବା ଗୋଟିଏ ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ନୂଆସାହି ଗ୍ରାମର ପଦୁକା ପ୍ରଧାନଙ୍କ ପୁଅ ଅରକ୍ଷୀତ ପ୍ରଧାନ (୨୨) ଓ ଏହି ଗ୍ରାମର ସୁକାନ୍ତ ପ୍ରଧାନଙ୍କ ପୁଅ ରିତୁ ପ୍ରଧାନ (୨୫) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଗତକାଲି ରାତିରେ ଧର୍ମଶାଳା ପୁଲିସର ଏଏସ୍‌ଆଇ ପ୍ରତାପ ଦେବତା, ଜାରକା ବିଟ୍ ହାଉସ ଅଧିକାରୀ ବିଜୟ ବହେରା ଓ କଳାକାହ୍ନୁ ଟିହୁ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ଜାରକା ଛକ ଓଭରବ୍ରିଜ ନିକଟରେ ଦୁଇ ଜଣ ଯୁବକ ଛିଡା ହୋଇଥିବା ଦେଖି ସେମାନଙ୍କୁ ପଚରା ଉଚରା କରିଥିଲେ। ହେଲେ ଉକ୍ତ ଯୁବକ ଦ୍ୱୟ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିବାରୁ ପୁଲିସ ସନ୍ଦେହ କରି ତାଙ୍କୁ ଥାନାକୁ ନେଇଥିଲେ। ଥାନାରେ ପଚରା ଉଚରା ପରେ ଉକ୍ତ ଯୁବକ ଦ୍ୱୟ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଯୁବକ ଦ୍ୱୟ ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି ଏହି ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ କାଜୁ ଜଙ୍ଗଲରେ ନେଇ ଲୁଚାଇଥିବା ସ୍ୱୀକାର କରିଥିଲେ। ସେମାନଙ୍କ କଥା ଅନୁସାରେ ପୁଲିସ ପୋବଳ କାଜୁ ଜଙ୍ଗଲରେ ଚଢ଼ଉ କରି ତିନିଗୋଟି ଚୋରା ବାଇକକୁ ଜବତ କରିଥିଲା। ଏନେଇ ଧର୍ମଶାଳା ପୁଲିସ ୨୩୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ବ୍ରାଉନ୍‌ସୁଗର, ଟଙ୍କା, ମୋବାଇଲ୍ ଜବତ; ଜଣେ ଗିରଫ



ଧାମନଗର,୧୦।୬(ସମିସ): ଧାମନଗର ଥାନା ପରିସରରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଧାମନଗର ପୁଲିସ ପକ୍ଷରୁ ଜଣେ ବ୍ରାଉନ୍‌ସୁଗର ବିକ୍ରେତାଙ୍କ ଉପରେ ଚଢ଼ଉ କରି ମଙ୍ଗଳବାର ଜଣକୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଉତ୍ତେଇପୁର ଗ୍ରାମର ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସରଞ୍ଜନ ପତି(୨୬)। ସୂଚନାଥାଉ କି, ମାନସ ନିଶା କାରବାର କରୁଥିବାର ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଅଚାନକ ଚଢ଼ଉ କରିଥିଲା। ଅଭିଯୁକ୍ତ ପୁଲିସକୁ ଦେଖି ଦୌଡ଼ି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ତାଙ୍କୁ କାବୁ କରି ୧୦ ଗ୍ରାମ୍ ୩୦ ମିଲିଗ୍ରାମ୍ ଓଜନର ବ୍ରାଉନ୍‌ସୁଗର, ନଗଦ ୧୧ହଜାର ୧୦୦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛନ୍ତି। ଥାନା ଏସ୍ଆଇ ମହେଶ୍ୱର ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୫୭/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନସଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି। ତେବେ ଏସ୍ଆଇ ନାରାୟଣ ନାୟକ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି। ଧାମନଗରର ବିଭିନ୍ନ ସ୍ଥାନରେ ଚୋରା ମଦ, ଧଳାଜହର ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ନିଶା କାରବାର ଯୋଗୁଁ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ପୁଲିସ ନିୟମିତ ଚଢ଼ଉ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୂତନ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଅସୁରାଳି,୧୦।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଫଳପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ୧୯୧୪ ମସିହାରେ ସ୍ଥାପିତ ଏହି ସମ୍ମାନଜନକ ଶିକ୍ଷାନୁଷ୍ଠାନରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ସଙ୍ଗୀତା ପ୍ରିୟା ଦାସ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଦୁଇଜଣ ନୂତନ ଶିକ୍ଷକ ଯଥା- ଟି.ଜି. ଶିକ୍ଷକ ପଦ୍ମଲୋଚନ ସାହୁ ଏବଂ ସଂସ୍କୃତ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କୁ ମଧ୍ୟ ବିଦ୍ୟାଳୟ ପରିବାର ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟଭାର ଗ୍ରହଣ ସମୟରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଭାତ ମହାନ୍ତି, ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିଷେକ ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ଯଥା- ଅନନ୍ତ ମିଶ୍ର, ଅବନୀ ରାଉତ, ମନୋରଞ୍ଜନ ଦାଶ, ଜୟସ୍ମିତା ନାୟକ, ସୁନୀତା ମିଶ୍ର ଓ ମିନତି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଯୋଗଦେଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏଥିସହିତ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ଉତ୍ସାହ ପ୍ରକାଶ କରିଥିଲେ। ନୂତନ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦାସ ନିଜର ପ୍ରତିକ୍ରିୟାରେ କହିଥିଲେ ଯେ, ବିଦ୍ୟାଳୟର ଶିକ୍ଷାଦାନର ମାନବୃଦ୍ଧି, ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଏବଂ ଅନୁଷ୍ଠାନର ସର୍ବାଙ୍ଗୀଣ ବିକାଶ ପାଇଁ ସେ ସର୍ବଦା ପ୍ରୟାସ କରିବେ। ଏହି ଲକ୍ଷ୍ୟ ପୂରଣରେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ନୂତନ ନିଯୁକ୍ତି ପରେ ଅଞ୍ଚଳବାସୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ନନ୍ଦିନୀ ମହିଳା ସଂଗଠନ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ୯୫ତମ ଜୟନ୍ତୀ

ଭଦ୍ରକ,୧୦।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏକାଧାରରେ ଜଣେ କବୟିତ୍ରୀ, କଥାଶିଳ୍ପୀ, ରାଜନେତ୍ରୀ ଓ ସଙ୍ଗୀତାନୁରାଗିଣୀ ଥିଲେ। ସେ ସ୍ୱାଧୀନଚେତା ଚିନ୍ତାଧାରାର ମହିଳା ଥିଲେ ବୋଲି ଭଦ୍ରକ ସହରର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ୯୫ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ



ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ, ନାରୀ ନେତ୍ରୀ କଳ୍ପନା ଜେନା ପ୍ରମୁଖ ଯୋଗଦେଇ ନନ୍ଦିନୀ ଶତପଥି ଜଣେ ସାଲିସ୍‌ବିହୀନ ନେତ୍ରୀ ଥିଲେ। ସମାଜର ନିମ୍ନବର୍ଗ ବ୍ୟକ୍ତିଙ୍କ ପାଇଁ ଥିଲା ତାଙ୍କର ଶ୍ରଦ୍ଧା ଓ ସମ୍ବେଦନା। ନନ୍ଦିନୀ ଥିଲେ ସାହିତ୍ୟ, ସେବା ଓ ରାଜନୀତିର ଏକ ସମନ୍ୱିତ ବ୍ୟକ୍ତିତ୍ୱ ଓ ତାଙ୍କର ସାହସିକତା ଉପରେ ଉପସ୍ଥିତ ପିଲାମାନଙ୍କୁ, ମହିଳା, ବୁଦ୍ଧିଜୀବୀଙ୍କୁ ଓ ସାଧାରଣ ଜନତାଙ୍କୁ କହିଥିଲେ। ଜୟନ୍ତୀ କମିଟିର ଆବାହକ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମହିଳା ସଂଗଠନର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବଙ୍କ ସଂଯୋଜନାରେ ଉପସଭାପତି ଶାନ୍ତିଲତା ବାରିକ ମଞ୍ଚ ଆମନ୍ତ୍ରଣ, ସମ୍ପାଦିକା ନିରୁପମା ଦାଶ ଅତିଥି ପରିଚୟ ପ୍ରଦାନ, ସହ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ, ସ୍ୱାସ୍ଥ୍ୟ ସେବିକା କୁସୁମ ମଞ୍ଜରୀ ପାଢ଼ୀ, ଚିନ୍ମୟୀ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରମେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ଅମର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ରଶ୍ମିତା ଦାଶ ନନ୍ଦିନୀ ଶତପଥିଙ୍କ ଉପରେ କବିତାପାଠ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ବେଦପାଠ କରିଥିବାବେଳେ ସହସମ୍ପାଦିକା ତପସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସଂଯୁକ୍ତା ବଳ ନାୟକ, ଦମୟନ୍ତୀ ରାଉତ, କବି ବିପ୍ଳବ ହୋତା, ନାରାୟଣ ଚନ୍ଦ୍ର ପାଢ଼ୀ, ରମେଶ ଦାସ, ବିଜୟ ବହଳି, ଅଞ୍ଜନା ମିଶ୍ର, ରେଣୁବାଳା ଖିଲାରଙ୍କ ସମେତ ବହୁ କବି ଓ କବୟିତ୍ରୀ ଉପସ୍ଥିତ ଥିଲେ।

# ନାହିଁ ନାହିଁରେ ଚାଲିଛି ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ବନ୍ତ/ଆଗରପଡ଼ା,୧୦।୬(ସମିସ):



ଶିକ୍ଷା ବିଭାଗକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ ଲାଗିଛନ୍ତି। ମୋହନ ସରକାରଙ୍କ କାର୍ଯ୍ୟକାଳକୁ ୨ ବର୍ଷ ପୂରିବାକୁ ବସିଥିବାବେଳେ ତାଙ୍କ କାର୍ଯ୍ୟକାଳ ଭିତରେ ସେ ଶିକ୍ଷାକୁ ଅଗ୍ରାଧିକାର ଦେବାକୁ ଯାଇ ପର୍ଯ୍ୟାୟ କ୍ରମେ ଶିକ୍ଷକ ନିଯୁକ୍ତି କରିବାରେ ଲାଗିଛନ୍ତି ଏବଂ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ନୂତନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ସେମାନଙ୍କୁ ଏବଂ ସେମାନଙ୍କ ଯୋଜନାକୁ ଠିକ୍ ଦିଗରେ ପରିଚାଳିତ କରିବା ପାଇଁ କର୍ମଚାରୀ ନିଯୁକ୍ତି ଦେଇପାରୁ ନ ଥିବାରୁ ତାଙ୍କ ଲକ୍ଷ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେବାର ସୂଚନା ପ୍ରଦାନ କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ। ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ଶିକ୍ଷା ବିଭାଗ ବର୍ତ୍ତମାନ ଜୋମାରେ ପରିଣତ ହୋଇଥିବା ଅଭିଯୋଗ ହେଉଛି ଏବଂ ଉକ୍ତ କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଛି। କାର୍ଯ୍ୟାଳୟର ନା ଅଛି ନିଜସ୍ୱ ଗୃହ, ନା ଅଛନ୍ତି ଅଧିକାରୀ, ନା କର୍ମଚାରୀ; ତଥାପି ଚାଲିଛି କାର୍ଯ୍ୟାଳୟ। ଯାହା ନୂତନ ସରକାରଙ୍କ ନୀତି ଆଦର୍ଶକୁ ପରିହାସ କରୁଛି।

ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ବ୍ଲକ୍ ଗ୍ରାଣ୍ଟ ସ୍କୁଲ, ୮ଟି ଜୁନିୟର କଲେଜ ଓ ଘରୋଇ ବିଦ୍ୟାଳୟକୁ ମିଶାଇ ମୋଟ୍ ୨୪୦ଟି ଶିକ୍ଷାନୁଷ୍ଠାନ ରହିଛି। ଉକ୍ତ ଶିକ୍ଷାନୁଷ୍ଠାନରେ ପାଖାପାଖି ୨୫ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ବିଭିନ୍ନ ବର୍ଗର ପାଖାପାଖି ୧୪ଶହ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଶିକ୍ଷାଦାନ ବ୍ୟତୀତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟ ସାମଗ୍ରୀ ବଣ୍ଟନ ଆଦି ଦାୟିତ୍ୱ ଶିକ୍ଷକମାନେ ତୁଲାଉଥିଲା ବେଳେ ଏହାକୁ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିଚାଳନା ମଧ୍ୟ କରୁଛି। ଏପରି ସ୍ଥଳେ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ନିୟମ ଅନୁଯାୟୀ ଜଣେ ବିଇଓ, ୩ ଜଣ ଏବିଇଓ ଏବଂ ୩ ଜଣ କିରାଣି ରହିବା କଥା। କିନ୍ତୁ ଏଠାରେ ଏହି ସଂଖ୍ୟାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୦୨୪ ଏପ୍ରିଲ୍ ମାସରୁ ଏଠାରେ କୌଣସି ସ୍ଥାୟୀ ବିଇଓ ନାହାନ୍ତି। ଗତ ମେ' ୨୫ ତାରିଖରେ ଏନ୍‌ସି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତଥା ଭାରପ୍ରାପ୍ତ ବିଇଓ ଡ. ସୁକିର୍ତ୍ତୀ କରଙ୍କୁ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ର ବିଇଓ ଭାବେ ବଦଳି କରାଯାଇଛି। କିନ୍ତୁ ତାଙ୍କ ସ୍ଥାନରେ ବନ୍ତ କାର୍ଯ୍ୟାଳୟକୁ ଅଦ୍ୟାବଧି ଅଉ କାହାକୁ ବି ନିଯୁକ୍ତି ଦିଆଯାଇନାହିଁ। ଫଳସ୍ୱରୂପ ମୁରବିଶୂନ୍ୟ ପାଲଟିଛି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ୩ ଜଣ ଏବିଇଓଙ୍କ ଜାଗାରେ ମାତ୍ର ଜଣେ ଏବିଇଓ ଅତିରିକ୍ତ ଦାଇତ୍ୱ ତୁଲାଉଛନ୍ତି, ଯିଏକି ବିଆର୍‌ସିସି ପଦରେ ଅବସ୍ଥାପିତ ଅଛନ୍ତି। ସେହିପରି ୩ ଜଣ କିରାଣି ରହିବା ଜାଗାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣେ ମାତ୍ର କିରାଣି ଡେପୁଟେସନ୍‌ରେ ଆସି କାମ ଚଳାଉଛନ୍ତି। ଯଦ୍ୱାରା ଉଭୟ ଶୈକ୍ଷିକ ଓ ଅଣଶୈକ୍ଷିକ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି।

ଶିକ୍ଷକଶିକ୍ଷୟିତ୍ରୀମାନେ ନିଜର ବିଭିନ୍ନ ସମସ୍ୟା ଓ କାଗଜପତ୍ର କାମ ପାଇଁ ଅଫିସ୍ ଆସି ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। କେବଳ କର୍ମଚାରୀ ଅଭାବ ନୁହେଁ, ଉକ୍ତ କାର୍ଯ୍ୟାଳୟର ଆଜି ପର୍ଯ୍ୟନ୍ତ ନିଜସ୍ୱ ଗୃହ ନିର୍ମାଣ ହୋଇପାରି ନାହିଁ। ବିଆର୍‌ସିସିଙ୍କ କାର୍ଯ୍ୟାଳୟରେ ଉକ୍ତ କାର୍ଯ୍ୟାଳୟଟି ଚାଲିଛି। ତେଣୁ ମୁରବିଶୂନ୍ୟ କାର୍ଯ୍ୟାଳୟରେ କୋ÷ଣସି ଅଧିକାରୀଙ୍କୁ ଯୋଗାଯୋଗ କଲେ ଯୋଗାଯୋଗ ସମ୍ଭବପର ହୋଇପାରୁ ନ ଥିବା ଓ ଯଦି ଯୋଗାଯୋଗ ହେଉଛି

## ନିଯୁକ୍ତି ପାଉଛନ୍ତି ଶିକ୍ଷକ; କିନ୍ତୁ ସ୍ଥାଣୁ ପାଲଟୁଛି ଶିକ୍ଷା ବିଭାଗ

କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଗତ ବର୍ଷ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେଉଥିବାବେଳେ ବିଭିନ୍ନ ବିଦ୍ୟାଳୟରେ ପିଲାମାନେ ପ୍ରଶ୍ନପତ୍ର ପାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ଉକ୍ତ ସମସ୍ୟା ବିଷୟରେ କାର୍ଯ୍ୟାଳୟର ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବପର ହୋଇ ନ ଥିଲା। ଏହିପରି ବହୁ ସମସ୍ୟା ମଧ୍ୟରେ ବ୍ଲକ୍ ଶିକ୍ଷା ବିଭାଗ ଗତି କରୁଥିବାରୁ ଖାଲି ଶିକ୍ଷକ ନିଯୁକ୍ତି କରି ବାହାବା ନେବା ଅପେକ୍ଷା ଏଠାରେ ଖାଲିଥିବା ବିଭିନ୍ନ ପଦକୁ ପୂରଣ କରିବା ପାଇଁ ନୂତନ ସରକାରଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟିଦେବାକୁ ଶିକ୍ଷାବିତ୍‌ଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

■ ନାୟକାଣୀଡିହିରୁ ନାବାଳିକା ଅପହରଣବେଳେ ଧରିଲେ ଗ୍ରାମବାସୀ

# ମାଡ଼ମାରି ପୁଲିସକୁ ହସ୍ତାନ୍ତର; କାର୍ ସହ ଯୁବକ ଅଟକ

ବାସୁଦେବପୁର,୧୦।୬(ସମିସ): ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ଥାନାର ମାତ୍ର କିଛି ମିଟର ଦୂରରେ ଏକ ନାବାଳିକା ଅପହରଣ ବେଳେ ଧରି ପକାଇଲେ ଗ୍ରାମବାସୀ। ଅପହରଣକାରୀଙ୍କୁ ନିସ୍ତୁକ ମାଡ଼ ଦେବା ସହିତ କାର୍ ଓ ଦୁଇ ଯୁବକଙ୍କୁ ନାୟକାଣୀଡିହି ପୁଲିସକୁ ହସ୍ତାନ୍ତର କରିଛନ୍ତି।

ବାଲିମୁଣ୍ଡା ପଞ୍ଚାୟତ ଗଣେଶ ପତିଙ୍କ ପୁଅ ଜିତେନ୍ଦ୍ର ପତିଙ୍କର ନାୟକାଣୀଡିହି ଅଞ୍ଚଳର ଜଣେ ନାବାଳିକା ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବର୍ଷେ ପୂର୍ବେ ନାବାଳିକାକୁ ଧରି ଫେରାର୍ ହୋଇ ଯାଇଥିଲେ। ନାବାଳିକାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ କ୍ରମେ ପୁଲିସ ନାବାଳିକାକୁ ଠାବ କରି ପରିବାରକୁ ହସ୍ତାନ୍ତର କରିଥିଲେ। ଯୁବକ ଫେରାର୍ ହୋଇଥିବାରୁ କେସ୍‌ଟିକୁ ଚାପି ଦେଇଥିଲେ। ବୁଧବାର ଜିତେନ୍ଦ୍ର ପତିଙ୍କର କିଛି ସାଙ୍ଗ ଓ ସହଯୋଗୀଙ୍କ ସହାୟତାରେ ନାବାଳିକାକୁ ଉଠାଇ ଆଣିଥିଲେ। ସ୍ଥାନୀୟ ଲୋକେ ନାୟକାଣୀଡିହି ସତ୍‌ସଙ୍ଗ ବିହାର ଆଗରେ କାର୍‌ଟିକୁ ଅଟକାଇ ଯୁବକ ଓ ତାଙ୍କର ସହଯୋଗୀଙ୍କୁ ନିସ୍ତୁକ ମାଡ଼ ଦେଇ ଏକ ଘରେ ଅଟକ ରଖିଥିଲେ। ଖବର ପାଇ ନାୟକାଣୀଡିହି ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହିତ କାର୍ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଷୋଳମପୁର ଶିଶୁ ମନ୍ଦିରରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଣ୍ଡାରିପୋଖରୀ,୧୦।୬(ସମିସ): ବୌଦ୍ଧବିହାର ଷୋଳମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ୩ ଦିନ ଧରି ଆୟୋଜିତ ହୋଇଥିବା ଆଚାର୍ଯ୍ୟ-ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ସରପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ବରିଷ୍ଠ ପ୍ରଶିକ୍ଷକ ଉଦୟନାଥ ରାଉତ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରିବା ସହ ମାତୃଭାଷା ଓ ଇଂରାଜୀ ବିଷୟ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଦିନ ଅନ୍ୟତମ ପ୍ରଶିକ୍ଷକ ଭାବେ ବିଷ୍ଣୁପୁର ସରକାରୀ ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ଜୟଦେବ ସେନାପତି, ଉତ୍ତରବାଡ଼(ଏନ୍) ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ସାମଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନ ଶିବିରକୁ ପୂର୍ବତନ ଶିକ୍ଷା ସାଧନା ସଂଯୋଜକ ଶିକ୍ଷାବିତ୍ ଗଦାଧର ବାରିକ ଉଦ୍‌ଘାଟନ କରିଥିଲେ। ଉକ୍ତ ଦିନ ଶିବିରରେ ମୁଖ୍ୟମନ୍ତ୍ରୀ ପୁରସ୍କାର ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ଅନ୍ୟତମ ପ୍ରଶିକ୍ଷିକା ସାରସ୍ୱତ ଉଚ୍ଚ ବିଦ୍ୟାପୀଠ ଜଳହରୀର ଶିକ୍ଷୟିତ୍ରୀ ତନୁଜା ରାଉତ ଗୁରୁଜୀ ଓ ଗୁରୁମା'ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନ ଶିବିରର ଶେଷ ପର୍ଯ୍ୟାୟରେ ରଘୁନାଥପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ଜେନା ଏବିସି ମାଧ୍ୟମରେ ଶିକ୍ଷାଦାନ,




ଶ୍ରେଣୀଗୃହ ପରିଚାଳନା, ଇଂରାଜୀ ପାଠ୍ୟ ପୁସ୍ତକ ପଢ଼ାଇବାର ୩ ସହଜ ଉପାୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଉଦ୍‌ଯାପନୀ ଦିବସକୁ ଅବସରପ୍ରାପ୍ତ ବରିଷ୍ଠ ବିଜ୍ଞାନ ଶିକ୍ଷକ ବନବିହାରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ପ୍ରଶିକ୍ଷିକା ବାଙ୍କମୁହାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ନାୟକ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଯତ୍ନ, ଲିଖିତ ଓ ମୌଖିକ ଶିକ୍ଷା, ମାତୃଭାଷା ଅଧ୍ୟାପନା ଶୈଳୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଢ଼ାପଦା ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବଦତ୍ତ ମହାନ୍ତି, ଏନ୍‌କେପି ହାୟର ସେକେଣ୍ଡାରୀ ସ୍କୁଲର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ରାଉତ ନାଚ, ଗୀତ, ଗପ, ଖେଳ ମାଧ୍ୟମରେ ପିଲାଙ୍କ କିଭଳି ଚାପମୁକ୍ତ ଶିକ୍ଷା ପ୍ରଦାନ କରାଯିବ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ପ୍ରଶିକ୍ଷକଙ୍କୁ ଶିଶୁ ମନ୍ଦିର ପକ୍ଷରୁ ସମ୍ମାନିତ କରଯାଇଥିବା ବେଳେ ସମସ୍ତ ଗୁରୁଜୀ/ଗୁରୁମା' ପ୍ରଶିକ୍ଷାର୍ଥୀମାନଙ୍କୁ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରଧାନଆଚାର୍ଯ୍ୟା ଅନସୂୟା ପୁହାଣ, ଗୁରୁମା' ପ୍ରତିଭା ନାୟକ, ନିର୍ମଳା ମହାରଣା, ରୁନା ବାରିକ, ମାମିନା ଜେନା, ସ୍ମୃତିରୂପା ରାଉତ, ଅର୍ଘ୍ୟରୂପା ବରାଳ, ଗୁରୁଜୀ ଶରତ ବେଉରିଆ, ବିଜୟ କୁମାର ଦଳାଇ, ଦିଲ୍ଲୀପ ନାୟକ, ବିଜୟ ବେହେରା ପ୍ରମୁଖ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ମତ୍ସ୍ୟ ବିଭାଗ ତରଫରୁ ବ୍ଲକ୍‌ସ୍ତରୀୟ ଏକ ଦିବସୀୟ ତାଲିମ ଶିବିର



ଧାମନଗର,୧୦।୬(ସମିସ): ଧାମନଗର ପଞ୍ଚାୟତ ସମିତି ପରିସରରେ ମତ୍ସ୍ୟ ବିଭାଗ ତରଫରୁ ବ୍ଲକ୍‌ସ୍ତରୀୟ ଏକ ବିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ଅନେକ ମତ୍ସ୍ୟ ପରିବାରର ସଦସ୍ୟମାନେ ଯୋଗଦେଇଥିଲେ। କିଭଳି ଭାବରେ ମାଛ ଚାଷ କଲେ ଅଧିକ ମାଛ ଉତ୍ପାଦନ ହୋଇପାରିବ ତା' ବିଷୟରେ ଅଧିକ ଆଲୋଚନା ହୋଇ ମାଛ ଚାଷୀମାନଙ୍କୁ ଉଚ୍ଚାୟତ କରାଯାଇଥିଲା। କେଉଁଭଳି ମାଛ ଚାଷ କଲେ ଅଧିକ ମାଛ ବଢ଼ିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। କମ୍ ଖର୍ଚ୍ଚ କରି କେମିତି ଅଧିକ ଉତ୍ପାଦନ କରିପାରିବ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇ ମାଛ ଚାଷୀଙ୍କୁ କେଉଁ ଭଳି ସରକାରଙ୍କ ତରଫରୁ ଦିଆଯାଉଥିବା ସବ୍‌ସିଡି ଓ ଅର୍ଥରାଶିକୁ କେଉଁଭଳି ଭାବରେ ଚାଷୀମାନେ ଉପଯୋଗ କରି ଆଗକୁ କେଉଁଭଳି ଭାବରେ ବଢ଼ି ପାରିବେ ସେ ଦିଗରେ ମଧ୍ୟ ଆଲୋଚନା କରାଗଲା। ଉକ୍ତ ସଭାକୁ ପରିଚାଳନା କରୁଥିଲେ ଧାମନଗର ବ୍ଲକ୍‌ର ଏଫ୍‌ଇଓ ଆୟୁଷ୍ମାନ କର, ଧାମନଗର ବ୍ଲକ୍ ବିଡିଓ, ଭଦ୍ରକ ଜିଲ୍ଲାର ଡିଏଫ୍ ଅମର ସାହୁ, ଭଦ୍ରକ ଜିଲ୍ଲା ତାଲିମ କେନ୍ଦ୍ର ରାଣୀତାଲର ବୈଜ୍ଞାନିକ ବିଶ୍ୱରଞ୍ଜନ ସାମନ୍ତରାଏ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଭଦ୍ରକ ଜିଲ୍ଲା ପରିଷଦ ଉପସଭାପତି ଟୁନିବାଳା ବିଶ୍ୱାଳ, ଧାମନଗରର ଭାଇସ୍ ଚେୟାରମ୍ୟାନ୍ ଜଗବନ୍ଧୁ ବେହେରା। ଧାମନଗର ଅଞ୍ଚଳରୁ ଆସିଥିବା ମତ୍ସ୍ୟ ଚାଷୀମାନେ ନିଜର ମତାମତ ଦେଇ ସଭାକୁ ସମାପ୍ତ କରିଥିଲେ।

● ବିଜେଡିର ବିଏଲ୍ଏ ପ୍ରଶିକ୍ଷଣ ଶିବିର

# ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ

ଦୋବଲ,୧୦।୬(ସମିସ): ଦୋବଲ ନିକଟସ୍ଥ କରଦା ପଞ୍ଚାୟତର କିଲାଟେଶ୍ୱର କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଓ ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲ୍ଏ) ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି।



ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଭୋଟର ତାଲିକାର ସଠିକ୍ ପ୍ରସ୍ତୁତି ଉପରେ ଏହି ଶିବିରରେ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ୍ ସଭାପତି ପ୍ରତାପ ସାମଲ ଓ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସଭାରେ ସଂଗଠନର ସୁଦୃଢ଼ୀକରଣ, ଜନସମ୍ପର୍କ ବୃଦ୍ଧି ଓ ବୁଥ୍‌ସ୍ତରରେ ଦଳୀୟ କାର୍ଯ୍ୟକଳାପକୁ ଅଧିକ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଧାମନଗର ବିଡିଓ ବନବିହାରୀ ଦିଣ୍ଡା ଏବଂ ଜିପିଓ ନୃସିଂହ ଦତ୍ତ ଉପସ୍ଥିତ ରହି ଭୋଟର ତାଲିକା ପ୍ରସ୍ତୁତି, ନୂତନ ଭୋଟରଙ୍କ ନାମ ସଂଯୋଜନ, ତ୍ରୁଟି ସଂଶୋଧନ ଓ ନିର୍ବାଚନୀ ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଦିଗ ସମ୍ପର୍କରେ ବିଏଲ୍ଏମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହାଦ୍ୱାରା ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ନିର୍ଭୁଲ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ଶିବିରରେ ବହୁ ସଂଖ୍ୟକ ବିଏଲ୍ଏ, ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ପୀରାହାଟରେ 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ

ଦୋଳସାହି,୧୦।୬(ସମିସ): ତିହିଡ଼ି ତହସିଲ୍ ପକ୍ଷରୁ ବିଭିନ୍ନ ରାଜସ୍ୱ ବିଭାଗ ଅଧୀନରେ ସରକାରଙ୍କ 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତିହିଡ଼ି ତହସିଲ୍‌ଦାର ସୁଭାଶିଷ ସାହୁଙ୍କ ନିର୍ଦ୍ଦେଶରେ ପୀରହାଟ ରାଜସ୍ୱ ନିରୀକ୍ଷିକା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ପୀରହାଟଠାରେ 'ଆମ ଗାଁରେ ଆମ ତହସିଲ' କାର୍ଯ୍ୟକ୍ରମ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ, କୃଷକ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନେଇ ମଙ୍ଗଳବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାରଙ୍କ ପ୍ରାଥମିକତା ଭିତ୍ତିକ ପଟାରେ ନାମ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# ଉଠା ଦୋକାନୀ ଓ ଫାଷ୍ଟଫୁଡ୍ ଦୋକାନ ଉପରେ ଚଢ଼ଉ

ଯାଜପୁର,୧୦।୬(ସମିସ): ଯାଜପୁର ପୌରପାଳିକା ଅଞ୍ଚଳରେ ରହିଥିବା ଉଠା ଦୋକାନୀ ମାନଙ୍କରେ ଖାଦ୍ୟର ମାନ ଯାଞ୍ଚ କରିବା ଉଦ୍ଦେଶ୍ୟରେ ପୌରପାଳିକା ପକ୍ଷରୁ ଉଠା ଦୋକାନୀ ଓ ଫାଷ୍ଟଫୁଡ଼ ଦୋକାନୀ ଉପରେ ଚଢ଼ଉ କରାଯାଇଛି। ପୌର ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଯାଜପୁର ସହରର କୁସୁମା ସମେତ ବିଭିନ୍ନ ସ୍ଥାନରେ ଫାଷ୍ଟଫୁଡ଼ ସମେତ ଉଠା ଦୋକାନୀ ମାନଙ୍କରେ ଗତ ଦୁଇଦିନ ଧରି ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଆସନ୍ତା ରଜ ପର୍ବକୁ ନଜରରେ ରଖି ବିଶେଷକରି ମୋମୋ ଦୋକାନ, ଗୁପଚୁପ ଦୋକାନ, ଚାଟ୍ ଦୋକାନ ଓ ଫାଷ୍ଟଫୁଡ଼ ଦୋକାନି ମାନଙ୍କୁ ଖାଦ୍ୟର ମାନ ଭଲ ରଖିବା ସହ ଦୋକାନ ପରିସର ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ନମାନିଲେ ଦୋକାନୀମାନଙ୍କ ଉପରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଗତ ବର୍ଷ ଏଇ ସମୟରେ ଦୁଷିତ ଖାଦ୍ୟ ଖାଇ ଜିଲ୍ଲାରେ ଝାଡାବାନ୍ତି ବ୍ୟାପିଥିଲା। ଏହାକୁ ରୋକିବା ପାଇଁ ପୌରପ୍ରଶାସନ ପକ୍ଷରୁ ଏଭଳି ଚଢ଼ଉ ଜାରି ରହିଥିବା ସୂଚନା ଦିଆଯାଇଛି।

**ମାଟି ତଳେ ଚାପିଗଲା ଦୁର୍ନୀତିର ଗନ୍ଧ**

# ବ୍ରାହ୍ମଣଗାଁରେ ଚାଲିଛି ରାତିଅଧିଆ ନିମ୍ନମାନର କାମ

ବାସୁଦେବପୁର,୧୦।୬(ସମିସ):

ମାଟି ତଳେ ଚାପି ହୋଇ ଯାଉଛି ଦୁର୍ନୀତି। କେହି ଜାଣିବାର ନାହିଁ କି ସୁରାକ୍ ପାଇବେ ନାହିଁ। ସେନେଇ ରାତିଅଧିଆ ଚାଲିଛି କାମ। ନା ଅଛି ସ୍ୱଚ୍ଛତାର ଫଳକ, ନା ଅଛନ୍ତି ସରକାରୀ କର୍ମଚାରୀ। ସକାଳ ହେବା ଆଗରୁ ମାଟି ତଳେ ଚାପିଯିବ ଦୁର୍ନୀତିର ଗନ୍ଧ। ଏମିତି ଏକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ବ୍ରାହ୍ମଣଗାଁରୁ। କମ୍ୟୁନିଟି ସେଣ୍ଟର ନାମରେ ଆରମ୍ଭ ହୋଇଛି କାମ। ରାତିରେ ଆରମ୍ଭ ହୋଇଥିଲା ବୋରିଙ୍ଗ୍ କାମ। ୧୨ ଫୁଟ୍ ବୋରିଙ୍ଗ୍ ଜାଗାରେ ହେଉଛି ୬ ଫୁଟ୍ ବୋରିଙ୍ଗ୍।





ଗ୍ରାମବାସୀ ପହଞ୍ଚି ରାତିଅଧିଆ କାମକୁ ବିରୋଧ କରିଥିଲେ। ଅତି ନିମ୍ନମାନର କାମ ହେଉଥିବାର ଅଭିଯୋଗ କରିଥିଲେ। ଟର୍ଚ୍ଚ ଟିପି ଚାଲିଛି କାମ। ସକାଳ ହେବା ଆଗରୁ ସରିବ ବୋରିଙ୍ଗ୍ କାମ। ପାଣିରେ ଭାସିଯାଉଛି ବାଲି ଓ ସିମେଣ୍ଟ। ତରବରିଆ ଭାବେ ରାତାରାତି କାମ ଚାଲିଛି। ବାସୁଦେବପୁର ବ୍ଲକ୍‌ରେ ଦୁର୍ନୀତିର ମହାଦ୍ରୁମ ବ୍ରାହ୍ମଣଗାଁ ପଞ୍ଚାୟତ। 'ମନରେଗା'ଠାରୁ ଆରମ୍ଭ କରି ପଞ୍ଚାୟତର ବିଭିନ୍ନ ରାସ୍ତା ନିର୍ମାଣ ହେଉ କି ଉନ୍ନୟନମୂଳକ କାମ ହେଉ ଦୁର୍ନୀତିର ଗନ୍ଧ ବାରିହୋଇ ପଡ଼ିବ। ବାସୁଦେବପୁର ବ୍ଲକ୍ ବିଡିଓଙ୍କୁ ପଚାରିବାରୁ ସେ କହିଥିଲେ, ବ୍ରାହ୍ମଣଗାଁରେ କୌଣସି କାମ ୱାର୍କଅର୍ଡର ଦିଆଯାଇନାହିଁ। ଯଦି କିଏ କାମ କରୁଥିବ ଆମକୁ ଜଣାନାହିଁ। ଏହି ରାତିଅଧିଆ କାମ କରୁଥିବା କିଛି ଯୁବକ କାମ ସପକ୍ଷରେ ବିଡିଓଙ୍କୁ ଭେଟି ଭୀଷଣ ଖରା ଯୋଗୁଁ ରାତିରେ କାମ କରିଛନ୍ତି ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ।

